# Akashvani, Sambalpur

## SAMBALPURI NEWS EVENING BULLETIN

## 17 August 2024- 7.02 pm- 7.12 pm.

*********************************************

୧- ବିଧାୟକ୍‌ମାନ୍‌କର୍ ଶୃଙ୍ଖଲିତ୍ ଆଚରଣ୍, ଉଚ୍ଚାରଣ୍ ଆଉ ଉତମ୍ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକେ ବର୍‌କସ୍ କର୍‌ସି- କହେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ୍ ରିଜିଜୁ ।

୨- ଡାକ୍ତର୍‌ମାନ୍‌କର୍ ବିରୋଧିଥି ହିଂସାକାଣ୍ଡ ହେଲେ ୬ ଘଂଟା ଭିତ୍‌ରେ ମାମ୍‌ଲା ରୁଜୁ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ।

୩- ଓଡ଼ିଶାକେ ୨୦୩୦ ମସିହାତକ୍ ମେଲେରିଆ ମୁକ୍ତ କର୍‌ବାର୍ ଲାଗି ଲକ୍ଷ୍ୟ ରଖିଛନ୍ -କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ କେତେଟା ଜିଲ୍ଲା ନ ଆଏବା ୩ ଦିନ୍‌ତକ୍ ଜବର୍ ବର୍ଷା ହେଇପାରେ ବଲି ୧୪ ଜିଲ୍ଲାର୍ ଜିଲ୍ଲାପାଳ୍‌ମାନ୍‌କୁ ସତର୍କ ରହେବାର୍‌କେ ନିର୍ଦ୍ଦେଶ୍ ଦେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ।

ବିଧାୟକ୍ଙ୍କର୍ ପ୍ରଶିକ୍ଷଣ ଶିବିର      ଆର୍ଏନ୍ୟୁ/ କଟକ୍

ରାଜ୍ୟ ବିଧାନ୍ସଭାର୍ ନୂଆଁକରି ନିର୍ବାଚିତ୍ ହେଇଥିବା ବିଧାୟକ୍ମାନ୍କର୍ ଲାଗି ଆଏଜ୍ନୁ ୨ ଦିନିଆ ତାଲିମ୍ ଶିବିର୍ ମୁଲ୍ ହେଇଛେ । ନୂଆଁକରି ନିର୍ବାଚିତ ବିଧାୟକ୍ମାନ୍କୁ ବିଧାନ୍ସଭା କାମ୍ ସହେତେ ଭିନ୍ ଭିନ୍ ବିଷେଥି ଗୃହର୍ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଥି ଭାଗ୍ ନେବାର୍ ଲାଗି ତାଲିମ୍ ଦିଆଯାଉଛେ । କେନ୍ଦ୍ର ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରଣ ରିଜିଜୁ କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିକରି କହିଛନ୍ ଯେ, ବିଧାୟକ୍ମାନ୍କର୍ ଶୃଙ୍ଖଲିତ ଆଚରଣ, ଉଚ୍ଚାରଣ ଆର୍ ଉତମ୍ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକେ ବର୍କସ୍ କର୍ସି । ଅଲ୍ଗା ମାନ୍କର୍ ଭିତ୍ରେ କଟକ୍ ଆର୍ ସୁନ୍ଦର୍ଗଡ଼୍ ସାଂସଦ୍ ଆଉ ଗୃହ କାମ୍ଥି ଅଭିଜ୍ଞତା ଥିବାର୍ ଲୋକ୍ମାନ୍କୁ ଇ ତାଲିମ୍ ଶିବିର୍ଥି ବିଧାୟକ୍ମାନ୍କୁ ତାଲିମ୍ ଦେବାର୍ ଲାଗି ନିମନ୍ତ୍ରଣ୍ କରାଯାଇଛେ । ସୂଚ୍ନା ଅନ୍ସାରେ ୧୭ ନମ୍ବର୍ ବିଧାନ୍ସଭାଥି ୮୪ ଝନ୍ ନୂଆଁ ବିଧାୟକ୍ ନିର୍ବାଚିତ ହେଇଛନ୍ । ବିଜେପିନୁ ସବୁନୁ ଅଏତ୍କା ୫୪ ଝନ୍ ନୂଆଁକରି ବିଧାୟକ୍ ଥିବାର୍ ବେଲେ ବିଜେଡ଼ିନୁ ୧୮, କଂଗ୍ରେସ୍ନୁ ୯ ଆର୍ ୩ ଝନ୍ ସ୍ୱାଧୀନ୍ ବିଧାୟକ୍ ଅଛନ୍ । ଭାରତୀୟ ଜନତା ପାର୍ଟିର୍ ନୂଆଁକରି ନିର୍ବାଚିତ ହେଇଥିବା ବିଧାୟକ୍ମାନେ ଇ ଶିବିର୍ଥି ଯୋଗ୍ ଦେଇଥିବାର୍ ବେଲେ ବିଜୁ ଜନତା ଦଲ୍ ଆଉ କଂଗ୍ରେସ୍ ସଦସ୍ୟମାନେ ଇଥି ଯୋଗ୍ ନାଇଁଦେଇ ।

ମୁଖ୍ୟମନ୍ତ୍ରୀ-ଜ୍ଞାନ୍ ସଂସ୍କାର୍ କାର୍ଯ୍ୟକ୍ରମ୍     ଆର୍ଏନ୍ୟୁ ସମ୍ବଲପୁର

ଆମର୍ ସାମ୍ବିଧାନିକ୍ ବ୍ୟବସ୍ଥାଥି ଲୋକ୍ମାନେ ହେଉଛନ୍ ପ୍ରକୃତ୍ କ୍ଷମତାର୍ ଅଧିକାରୀ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍ସଭା ତର୍ଫୁ ଓଡ଼ିଶା ବିଧାନ୍ସଭାର୍ ନୂଆଁ କରି ନିର୍ବାଚିତ୍ ହେଇଥିବା ବିଧାୟକ୍ମାନ୍କର୍ ଲାଗି ହେଇଥିବା ଜ୍ଞାନ୍ ସଂସ୍କାର୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଶ୍ରୀ ମାଝୀ କହିଛନ୍ ଯେ, ଗଣତାନ୍ତ୍ରିକ ଶାସନ୍ ପଦ୍ଧତି ଠିକ୍ କାମ୍ କରୁଥିବାର୍ନୁ ଆମର୍ ଦେଶ୍କେ ଉନ୍ନତି ରାସ୍ତାଥି ଆଗ୍କେ ବଢୁଛେ । ସେଥିର୍ଲାଗି ବିଶ୍ୱ ଦର୍ବାର୍ଥି ଆମର୍ ଦେଶ୍ ଆର୍ ରାଜ୍ୟମାନ୍କର୍ ସମ୍ମାନ୍ ବଢ଼୍ବାର୍କେ ଲାଗିଛେ । ସେନ୍ତା ଓଡ଼ିଆ ଅସ୍ମିତା ଆର୍ ପରମ୍ପରାକେ ନେଇକରି ଓଡ଼ିଶାକେ ବିକଶିତ ଭାରତ୍ ବର୍ଷର୍ ଗୁଟେ ଶ୍ରେଷ୍ଠ ରାଜ୍ୟ ହିସାବେ ଗଢ଼୍ବାର୍ ଲାଗି ଆମର୍ ସମସ୍ତଙ୍କର୍ ଦାୟିତ୍ୱ ରହିଛେ ବଲି ଶ୍ରୀ ମାଝୀ କହିଛନ୍ । ସମ୍ବିଧାନ୍ର ବ୍ୟବସ୍ଥା ଭିତ୍ରେ ରହିକରି ଦିଆଯାଇଥିବାର୍ କ୍ଷମତାର୍ ସଦୁପଯୋଗ୍ କରିକରି ମତଦାତାମାନ୍କର୍ ଆଶା ଆଉ ଭରସାକେ ନିଷ୍ଠାପର ଭାବେ ସେବା ଜରିଏ ପୂରା କର୍ବାର୍ଟା ବିଧାୟକ୍ ଆଉ ସାଂସଦ୍ ମାନ୍କର୍ ପହେଲା କର୍ତବ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଡାକ୍ତର- କେନ୍ଦ୍ର ସର୍କାର୍ଙ୍କର୍ ନିର୍ଦ୍ଦେଶ୍ ଆର୍ଏନ୍ୟୁ/ କଟକ୍

ଡାକ୍ତର୍ମାନ୍କର୍ ବିରୋଧ୍ରେ ହିଂସାକାଣ୍ଡ ହେଲେ ୬ ଘଂଟା ଭିତ୍ରେ ମାମ୍ଲା ରୁଜୁ କର୍ବାର୍ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଦେଶର୍ ସବୁ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ୍ ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । କେନ୍ଦ୍ର ସର୍କାର୍ଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ ଡାକ୍ତର୍ ଆର୍ ରୋଗୀମାନ୍କୁ ସେବା ଦଉଥିବା ଲୁକ୍କୁ ସୁରକ୍ଷା ଦେବାର୍ଥି ସ୍ୱାସ୍ଥ୍ୟସେବା ଅନୁଷ୍ଠାନ୍ ମାନ୍କର୍ ମୁଖ୍ୟ ଦାୟିତ୍ୱ ରହିଛେ । କୋଲ୍କାତା ସହେତେ ଦେଶର୍ କେତେଟା ଜାଗା ନ ଡାକ୍ତର୍ମାନେ ସେମାନ୍କର୍ ସୁରକ୍ଷାକେ ନେଇକରି ଆନ୍ଦୋଲନ୍ ଜାରି ରଖିଥିବାର୍ନୁ କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ଇ ପଦକ୍ଷେପ୍ ନିଆଯାଇଛେ । ସେଆଡ଼େ କଟକ୍ ଏସ୍ସିବି ମେଡ଼ିକାଲ୍ କଲେଜ୍ କନିଷ୍ଠ ଡାକ୍ତର୍ମାନ୍କର୍ ୪ ଦଫା ଦାବି ପୂରଣ୍ ନେଇକରି କାର୍ଯ୍ୟବନ୍ଦ୍ ଆନ୍ଦୋଲନ୍ ଚାଲିଥିବାର୍ନୁ ମେଡ଼ିକାଲ୍ କଲେଜ୍ର ଅଧିକ୍ଷକ ଡାକ୍ତର୍ ସୁଧାଂଶୁ ମିଶ୍ର ତାଙ୍କର ପ୍ରତିକ୍ରିୟାଥି କହିଛନ୍ ଯେ, ଆନ୍ଦୋଲନ୍ କରୁଥିବା ଡାକ୍ତର୍ମାନେ ଜରୁରୀକାଲୀନ୍ ରୋଗୀ ସେବା କରୁଛନ୍ । ରୋଗୀ ସେବା ଯେନ୍ତା ବାଧା ନାଇଁ ହେବା, ସେଥିର୍ଲାଗି କର୍ତ୍ତୃପକ୍ଷ ସବୁପ୍ରକାର୍ ବ୍ୟବସ୍ଥା କରୁଛନ୍ । ମେଡ଼ିକାଲ୍

କଲେଜ୍‌ର ଡାକ୍ତର୍ ଆଉ ପ୍ରାଧ୍ୟାପକ ମାନ୍‌କର୍ ଛୁଟି ବାତିଲ୍ କରାଯାଇଛେ ବଲି ଡାକ୍ତର୍ ମିଶ୍ର କହିଛନ୍ । କୋଲ୍‌କାତାଥି ଘଟିଥିବା ଡାକ୍ତରୀ ଛାତ୍ରୀଙ୍କର୍ ମୃତ୍ୟୁ ଘଟ୍‌ନାର୍ ପ୍ରତିବାଦ୍‌ଥି କଟକ୍ ବଡ଼ ମେଡ଼ିକାଲ୍ ସହେତେ ରାଜ୍ୟର୍ ଅଲ୍‌ଗା ମେଡ଼ିକାଲ୍ କଲେଜ୍ ମାନ୍‌କେ ଶାନ୍ତିପୂର୍ଣ୍ଣ ଭାବେ ଜୁନିଅର୍ ଡାକ୍ତର୍‌ମାନେ ଆଏଜ୍ ଦିନ୍‌କର୍ ଲାଗି ଆନ୍ଦୋଲନ୍ କରୁଛନ୍ ।

## ଚାଉଲ- ବାକି ଟଙ୍କା-କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଚାଉଲ୍ ବାବଦ୍ ବାକି ଅଢ଼େଇ ହଜାର୍ କୋଟି ଟଙ୍କା ଦେବାର୍‌କେ କେନ୍ଦ୍ର ଖାଉଟି ବ୍ୟାପାର୍, ଖାଦ୍ୟ ଯୋଗାଣ ଆଉ ସାଧାରଣ ବଂଟନ୍ ମନ୍ତ୍ରୀ ପ୍ରହଲ୍ଲାଦ୍ ଯୋଷୀ ପ୍ରତିଶ୍ରୁତି ଦେଇଛନ୍ ବଲି ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇତାର୍‌ସହେତେ ଚାଉଲ୍‌ର ୨୦ ପ୍ରତିଶତ୍ ଗହମ୍ ଦେବାର୍ ଆର୍ ଚାଉଲ୍ ସଂରକ୍ଷଣ୍ ଲାଗି ଗୁଦାମ୍ ଘର୍ ପ୍ରତିଷ୍ଠା ଲାଗି ରାଜ୍ୟକେ ସହଯୋଗ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପାତ୍ର - କେନ୍ଦ୍ରମନ୍ତ୍ରୀଙ୍କର୍ ଠାନେ ଦାବି କରିଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ଖାଉଟି ବ୍ୟାପାର୍ ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କର୍ ନୂଆଦିଲ୍ଲୀ ଗସ୍ତ ସମିଆଥି

କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଭେଟିକରି ରାଜ୍ୟର୍ ସ୍ୱାର୍ଥ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଆଲୋଚନା କରିଥିଲେ ।

ରାଜସ୍ୱ ମନ୍ତ୍ରୀ-ତହସିଲ୍ ଅଫିସ୍ ପରିଦର୍ଶନ୍/ସମ୍ବଲପୁର୍

ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଅଚାନକ୍ ତହସିଲ୍ ଅଫିସ୍ ପରିଦର୍ଶନ୍ କରିଛନ୍ । ଅଫିସ୍ ନ ଅବ୍ୟବସ୍ଥା ଦେଖିକରି ଅସନ୍ତୋଷ ପ୍ରକାଶ୍ କରିଥିଲେ । ଅଫିସ୍ ମାନ୍‌କେ ବାୟୋମେଟ୍ରିକ୍ ଲଗାଯିବାର୍ ଲାଗି ସେ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦେଇକରି କାର୍ଯ୍ୟଦକ୍ଷତା ଦେଖିକରି କର୍ମଚାରୀମାନ୍‌କୁ ପଦୋନ୍ନତି ଦିଆଯିବା ବଲି ମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ବନ୍ଦ      ଆର୍‌ଏନ୍‌ୟୁ/ କଟକ୍

ଇ ମାସର୍ ୧୯ ଆର୍ ୨୬ ତାରିଖ୍ ଦିନ ଭୁବ୍‌ନେଶ୍ୱର୍‌ର ୟୁନିଟ୍ ୫ ନ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠଥି ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ଇ ଦୁହି ଦିନ ସର୍‌କାରୀ ଛୁଟି ଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି

ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ କୁହାଯାଇଛେ ।

କଂଗ୍ରେସ୍ ଷ୍ଟିଅରିଂ କମିଟି ବୈଠକ୍ ଆର୍ଏନ୍ୟୁ/ କଟକ୍

କଂଗ୍ରେସ୍ ଷ୍ଟିଅରିଂ କମିଟିର୍ ପହେଲା ବୈଠକ୍ ଆଏବା ୨୧ ତାରିଖ୍ ବୁଧବାର୍ ଦିନ ହେବା ବଲି ରାଜ୍ୟ କଂଗ୍ରେସ୍ ପ୍ରଭାରୀ ଅଜୟ କୁମାର୍ କହିଛନ୍ । ଇ ବୈଠକ୍‌ଥି ଆଘର୍ ସବୁ ପିସିସି ସଭାପତି ଆର୍ ବିଧାୟକ୍‌ମାନ୍‌କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ୍ କରାଯାଇଛେ । ରାଜ୍ୟ କଂଗ୍ରେସ୍ ଷ୍ଟିଅରିଂ କମିଟି ଇ ମାସ ୧୪ ତାରିଖ୍ ଦିନ ଗଠନ୍ କରାଯାଇଥିଲା । ଷ୍ଟିଅରିଂ କମିଟିଥି ଦଲର୍ ରାଜ୍ୟପ୍ରଭାରୀ ଅଜୟ କୁମାର୍‌ଙ୍କର୍ ସହେତେ ୧୪ ଝନ୍ ସଦସ୍ୟ ସଭ୍ୟ ଅଛନ୍ । ସେଆଡ଼େ ରାଜ୍ୟପ୍ରଭାରୀଙ୍କର୍ ତରଫୁ ଦଲର୍ ଆଭିମୁଖ୍ୟ ବାବ୍‌ଦେ ଗଣମାଧ୍ୟମ୍‌ଥି ତଥ୍ୟ ଦେବାର୍ ଲାଗି ୪ ଝନ୍‌କୁ ଦାୟିତ୍ୱ ଦିଆଯାଇଛେ । ବିଧାୟକ୍ ରାମ୍‌ଚନ୍ଦ୍ର କାଡ଼ାମ୍, ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ସନ୍ତୋଷ୍ ସିଂ ସାଲୁଜା ଆର୍ ବିଶ୍ୱରଞ୍ଜନ୍ ମହାନ୍ତି, ଗଣମାଧ୍ୟମ୍‌ଥି ଦଲର୍ ଅଭିମୁଖ୍ୟ ବାବ୍‌ଦେ କହିପାର୍‌ବେ ବଲି ଅଖିଲ୍ ଭାରତୀୟ କଂଗ୍ରେସ୍ କମିଟି ତରଫୁ ନିର୍ଦ୍ଦେଶ୍ ନାମା ଜାରି କରାଯାଇଛେ ।

ରାଏଜେ ମେଲେରିଆ ରୋଗୀ ବୃଦ୍ଧି ଆର୍ଏନ୍ୟୁ/ କଟକ୍

ଓଡ଼ିଶା ନ ମେଲେରିଆ ରୋଗୀଙ୍କର୍ ସଂଖ୍ୟା ବଢ଼ିଛେ ବଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ କହିଛେ । ରାଜ୍ୟର୍ ୭ ଟା ଜିଲ୍ଲା ରାୟଗଡ଼ା, କଲାହାଣ୍ଡି, କୋରାପୁଟ୍, ମାଲ୍କାନ୍‌ଗିରି, ବୌଦ୍ଧ, ମୟୁର୍‌ଭଞ୍ଜ୍ ଆର୍ କନ୍ଧମାଲ୍ ନ ମୋଟ୍ ମେଲେରିଆ ରୋଗୀଙ୍କର୍ ଭିତ୍‌ରୁ ୨୪ ପ୍ରତିଶତ୍‌ନୁ ଅଏତ୍‌କା ରୋଗୀ ଚିହ୍ନଟ୍ ହେଇଛନ୍ । ସର୍‌କାରୀ ତଥ୍ୟ ଅନ୍‌ସାରେ ଇ ୭ ଟା ଜିଲ୍ଲା ନ ୨୭ ହଜାର୍ ୬ ଶହ ୮୪ ଝନ୍ ମେଲେରିଆ ରୋଗୀ ଅଛନ୍ । ଜୁଲାଇ ମାସ୍ ଶେଷ୍‌ତକ୍ ରାଏଜେ ୩୨ ହଜାର୍ ୬ ଶହ ୭୬ ଝନ୍ ମେଲେରିଆ ଆକ୍ରାନ୍ତ ରୋଗୀ ଚିହ୍ନଟ୍ ହେଇଛନ୍ । ରାୟଗଡ଼ାନୁ ସବୁଠାନୁ ଅଏତ୍‌କା ୬ ହଜାର୍ ୮୮ ମେଲେରିଆ ଆକ୍ରାନ୍ତ ରୋଗୀ ଚିହ୍ନଟ୍ ହେଇଛନ୍ ବଲି ଜନସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ । ସର୍‌କାରୀ ତଥ୍ୟା ଅନ୍‌ସାରେ ଇ ବଛର୍ ମେଲେରିଆଥି ୪ ଝନ୍‌କର୍ ଜୀବନ୍ ଯାଇଛେ । ଜନସ୍ୱାସ୍ଥ୍ୟ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଉପକୂଳ ଜିଲ୍ଲାମାନ୍‌କେ ମେଲେରିଆ ରୋଗୀଙ୍କର୍ ସଂଖ୍ୟା ଅଲ୍‌ଗା ଜିଲ୍ଲାମାନ୍‌କର୍ନୁ କମ୍ ରହିଛେ । ସେଆଡ଼େ ରାଏଜେ ଡେଙ୍ଗୁ ରୋଗୀଙ୍କର୍ ସଂଖ୍ୟା ପାଖାପାଖି ୨ ହଜାର୍ ଥିବାର୍ କୁହାଯାଇଛେ । ଭୁବ୍‌ନେଶ୍ୱର୍ ଆର୍ ଖୋର୍ଦ୍ଧା ଜିଲ୍ଲା ନ ସବୁନୁ ଅଏତ୍‌କା ୫ ଶହ ଡେଙ୍ଗୁ ରୋଗୀ ଚିହ୍ନଟ୍ ହେଇଛନ୍ । ସୁନ୍ଦର୍‌ଗଡ୍, ରାଉର୍‌କେଲା, ବଲାଙ୍ଗିର୍, କଟକ୍ ସହର୍‌ଥି ଡେଙ୍ଗୁ ରୋଗୀଙ୍କର୍ ସଂଖ୍ୟା ଭିଲ୍ ବଢ଼ିଛେ । ୨୦୩୦ ମସିହା

ଶେଷ୍‌ତକ୍ ଓଡ଼ିଶାକେ ମେଲେରିଆ ମୁକ୍ତ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

କୌଶଲ୍ ରଥ-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ଛାତ୍ରଛାତ୍ରୀମାନକର୍ ଭିତ୍‌ରେ କୌଶଲ୍ ଭିତିକ ଶିକ୍ଷା ଲାଗି ଆଗ୍ରହ ବଢ଼ାବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ ତର୍‌ଫୁ ମୁଲ୍ କରାଯାଇଥିବା କୌଶଲ୍ ରଥ ବୌଦ୍ଧ ଜିଲ୍ଲା ନ ଆଏବା ୨୮ ତାରିଖ୍‌ନୁ ୪ ଦିନ୍ ତକ୍ ବୁଲ୍‌ବା । ଇଥିର୍‌ଲାଗି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚ ଦର୍‌ଜାର୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ବୈଠକ୍‌ଥି କୌଶଲ୍ ରଥ ଯିବାର୍‌କେ ଥିବା ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷା ଆଉ ବୈଷୟିକ ଅନୁଷ୍ଠାନ୍ ମାନ୍‌କର୍ ଲାଗି କାର୍ଯ୍ୟକ୍ରମ୍‌ର ଆଲୋଚନା କରାଯାଇକରି ପୁରା ରୂପରେଖ ଧାରିଜ୍ କରାଯାଇଛେ । ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟଠାନୁ ଇ କୌଶଲ୍ ରଥ ଧାରିଜ୍ ତାଲିକା ଅନ୍‌ସାରେ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ବୁଲ୍‌ବା ।

ଆଇନ୍ ସଚେତନତା ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ଥାନା ନ ୨ ନମ୍ବର୍ ଥର୍ ଲାଗି ଆଇନ୍ ସଚେତନତା ଶିବିର ହେଇଯାଇଛେ । ଦେଶେ ଲାଗୁ ହେଇଥିବା ୩ ଟା ନୂଆଁ ଫୌଜଦାରୀ ଆଇନ୍ ବାବ୍‌ଦେ ଚାର୍‌ଛକ୍ ଇଲାକାର୍ ଲୋକ୍, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଆର୍ ସାମ୍ବାଦିକ୍ ମାନ୍‌କୁ ନୂଆଁ ଆଇନ୍ ବାବ୍‌ଦେ ଜନେଇ ଦିଆଯାଇଥିଲା । ଏଛେନ୍ ଡିଜିଟାଲ୍ ଏଭିଡେନ୍ସ ଆଉ ଡିଜିଟାଲ୍ ପ୍ରକ୍ରିୟା ଉପ୍‌ରେ ଜୋର୍ ଦିଆଯିବାର୍ ସହେତେ ଦୂରେ ଥିଲେ ଭିଲ୍ ଝନେ ଡିଜିଟାଲ୍ ଜରିଏ ଏଫ୍‌ଆଇଆର୍ ଦେଇପାର୍‌ବେ ବଲି ପୁର୍‌ନାକଟକ୍ ଥାନା ଅଧିକାରୀ ଶାରଦା ପ୍ରସାଦ୍ ଦାସ କହିଛନ୍ ।

ଓର୍‌ମାସ୍ ରାକ୍ଷୀ ବଜାର ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବ୍‌ନେଶ୍ୱର୍ ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ପ୍ରତିଷ୍ଠାନ୍ ସାମ୍ନାଥି ଓର୍‌ମାସ୍ ତର୍‌ଫୁ ରାକ୍ଷୀ ବଜାର୍ ଖୁଲାଯାଇଛେ । ଇଠାନେ ବର୍‌ଗଡ଼୍ ଜିଲ୍ଲା ସହେତେ ୯ ଟା ଜିଲ୍ଲାର୍ ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ ଉତ୍ପାଦିକା ଗୋଷ୍ଠୀ ମାନ୍‌କର୍ ତର୍‌ଫୁ ତିଆରି ଭିନ୍ ଭିନ୍ ହାତ୍ ତିଆରି ରାକ୍ଷୀ ବିକ୍ରି ହେଉଛେ । ଇ ରାକ୍ଷୀ ବଜାର୍ ଆଏବା ସୋମ୍‌ବାର୍‌ତକ୍ ଚାଲ୍‌ବା । ଇତାର୍‌ଛଡ଼ା ଷ୍ଟଲ୍ ମାନ୍‌କେ ଉପହାର୍ ଦେବାର୍ ଲାଗି ଭିନ୍ ଭିନ୍ ଖାଏବାର୍ ଦରବ୍ ଭିଲ୍ ମିଲୁଛେ ।

ପାର୍ବତୀ ଗିରି -ଶ୍ରାଦ୍ଧଦିବସ୍ ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ସ୍ୱାଧୀନତା ସଂଗ୍ରାମୀ ବହ୍ନି କନ୍ୟା ପାର୍ବତୀ ଗିରିଙ୍କର୍ ଶ୍ରାଦ୍ଧବାର୍ଷିକୀ ପାଳନ୍ କରାଯାଉଛେ । ବିଜେପୁର୍ ବ୍ଲକ୍ର ସମ୍ଲେଇପଦର୍ ଗାଁ ନ ୧୯୨୪ ମସିହାଥି ଜନମ୍ ହେଇଥିବା ପାର୍ବତୀ ଗିରି ୧୯୪୨ ମସିହାଥି ସ୍ୱାଧୀନତା ଆନ୍ଦୋଲନ୍ଥି ଝାସ ଦେଇଥିଲେ । ଇତାର୍ ଉତ୍ରୁ ନିଜ୍କେ ଝନେ ସମାଜସେବୀ ହିସାବେ ପ୍ରତିଷ୍ଠିତ୍ କରିକରି ସମାଜ୍ସେବା ଆର୍ ରଚନାତ୍ମକ କାମ୍ଥି ସେ ନିଜ୍କେ ସମର୍ପିତ କରିଥିଲେ ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ଆର୍ ଇତାର୍ ଆଖର୍ପାଖର୍ ପଶ୍ଚିମବଙ୍ଗ୍ ଉପକୂଳ ଆର୍ ତାକେ ଲାଗି କରି ଥିବା ବାଂଲାଦେଶ୍ ଉପକୂଳ ନ ହେଇଥିବା ଲଘୁଚାପ୍ର ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ଲାଗି ରହିଛେ । ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ଆଏଜ୍ ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ସମ୍ବଲପୁର୍, ଦେବ୍ଗଡ଼୍, ବର୍ଗଡ଼୍, ନୂଆପଡ଼ା, ବଲାଙ୍ଗିର୍, ବୌଦ୍ଧ ଆର୍ ସୁବର୍ଣ୍ଣପୁର୍ ସହେତେ ଆଉ କେତେଟା ଜିଲ୍ଲାର୍ କେତେଟା ଜାଗା ନ

ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ସେନ୍ତା ଆଏବା ୩ ଦିନ୍‌ତକ୍ ପଶ୍ଚିମ ଓଡ଼ିଶାର୍ କେତେଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ୧୪ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ ସତର୍କ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।